
# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



# ସ୍ୱର୍ଗ ହେଉଛି ଈଶ୍ୱରଙ୍କର ସୁନ୍ଦର ଗୃହ

ଲେଖକ: Edward Hughes
ଦୃଷ୍ଟାନ୍ତ: Lazarus
ଅନୁବାଦକ: Prasanta Bhuyan
ଉପଯୋଜକ: Sarah S.

କାହାଣି ୬୦ ରୁ ୬୦

**www.M1914.org**

***Bible for Children,*** *PO Box 3, Winnipeg, MB R3C 2G1 Canada*

ଅନୁମତି ସ୍ୱତ୍ତ୍ୱ: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,
ଯେଉଁ ପର୍ଯ୍ୟନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।


ଓଡ଼ିଆ Oriya

ଯୀଶୁଖ୍ରୀଷ୍ଟ ଜଗତରେ ଜୀବିତ ଥିବା ସମୟରେ, ସେ ସ୍ୱର୍ଗୀୟ ବିଷୟରେ ଆପଣା ଶିଷ୍ୟମାନଙ୍କୁ କହିଲେ । ସେ କହନ୍ତି ଏହା ହେଉଛି ମୋର ପିତାଙ୍କ ଗୃହ ଆଉ ସେଠାରେ ଅନେକ ବାସ ସ୍ଥାନ ଅଛି । ଏହା ଏକ ଅତ୍ୟନ୍ତ ବଡ଼ ଓ ସୁନ୍ଦର ଗୃହ ଅଟେ । ସତ୍ୟରେ ଜାଗତିକ ବାସ ଗୃହ ଅପେକ୍ଷା ସ୍ୱର୍ଗ ହେଉଛି ଅତ୍ୟନ୍ତ ବଡ଼ ଓ ସୁନ୍ଦର ଅଟେ ।




1

ଯୀଶୁଖ୍ରୀଷ୍ଟ କହିଲେ, ତୁମ୍ଭମାନଙ୍କ ନିମନ୍ତେ ମୁଁ ସ୍ଥାନ ପ୍ରସ୍ତୁତ କରିବାକୁ ଯାଉଅଛି । ମୁଁ ଯାଇ ତୁମ୍ଭମାନଙ୍କ ନିମନ୍ତେ ସ୍ଥାନ ପ୍ରସ୍ତୁତ କରିବି ଓ ପୁନର୍ବାର ମୁଁ ଫେରି ତୁମ୍ଭମାନଙ୍କୁ ସେହି ବାସସ୍ଥାନକୁ ଘେନିଯିବି । ମୃତ୍ୟୁରୁ ଉଠିବା ପରେ ଯୀଶୁଖ୍ରୀଷ୍ଟ ସ୍ୱର୍ଗକୁ ଗଲେ । ଯୀଶୁଖ୍ରୀଷ୍ଟ ଆକାଶ ମାର୍ଗକୁ ଯିବା ସମୟରେ ଆକାଶରୁ ମେଘ ଆସି ଯୀଶୁଙ୍କୁ ଘୋଡ଼ାଇ ନେବାର ଶିଷ୍ୟମାନେ ଦେଖିଲେ ।




2

ତା ପରଠାରୁ ଖ୍ରୀଷ୍ଟିୟ ବିଶ୍ୱାସିମାନେ ଯୀଶୁଙ୍କର ଫେରିବା ଓ ସେମାନଙ୍କୁ ନେଇଯିବାର ପ୍ରତିଜ୍ଞାକୁ ସ୍ମରଣ କରୁଛନ୍ତି । ଯୀଶୁଖ୍ରୀଷ୍ଟ କହିଲେ ଯେ ମୁଁ ହଠାତ ଆଗମନ କରିବି, ଯେତେବେଳେ ତୁମ୍ଭେମାନେ ଅପେକ୍ଷାରେ ନଥିବ । ଯୀଶୁଖ୍ରୀଷ୍ଟଙ୍କ ଆଗମନ ପୂର୍ବରୁ ଯେଉଁ ଖ୍ରୀଷ୍ଟିୟ ବିଶ୍ୱାସିମାନେ ମୃତ୍ୟୁ ବରଣ କରନ୍ତି ସେମାନଙ୍କର କ'ଣ ହେବ, ଈଶ୍ୱରଙ୍କର ବାକ୍ୟ କହେ ସେମାନେ ସିଧା ଯୀଶୁଙ୍କ ନିକଟକୁ ଯିବେ । ଶରୀର ଅନୁପସ୍ଥିତ ର ଅର୍ଥ ହେଉଛି ଈଶ୍ୱରଙ୍କ ସହିତ ଉପସ୍ଥିତ ।





3

ପ୍ରକାଶିତ ବାକ୍ୟ, ବାଇବଲେର ଶେଷ ପୁସ୍ତକ, ସ୍ୱର୍ଗ କି ପ୍ରକାର ଅଟେ ତାହା ଆମ୍ଭମାନଙ୍କୁ ଜଣାଏ । ଅତି ଉତ୍ତମ ବିଷୟ ଏହା କି ସ୍ୱର୍ଗ ହେଉଛି ଈଶ୍ୱରଙ୍କ ଗୃହ । ଈଶ୍ୱରଙ୍କ ଉପସ୍ଥିତି ପ୍ରତ୍ୟେକ ସ୍ଥାନରେ ଅଛି, କିନ୍ତୁ ତାହାଙ୍କର ସିଂହାସନ ସ୍ୱର୍ଗରେ ଅଟେ ।




4

ଦୂତଗଣ ଏବଂ ଅନ୍ୟ ସ୍ୱର୍ଗୀୟ ଅସ୍ତିତ୍ୱ ସ୍ୱର୍ଗରେ ପ୍ରଭୁଙ୍କର ଉପାସନା କରନ୍ତି । ଈଶ୍ୱରଙ୍କ ସମସ୍ତ ଲୋକ, ଯଉଁମାନେ ମୃତ୍ୟୁବରଣ କରିଛନ୍ତି ସେମାନେ ସ୍ୱର୍ଗକୁ ଯାଇଅଛନ୍ତି । ସେମାନେ ଈଶ୍ୱରଙ୍କର ପ୍ରସଂଶାର ଗୀତଗାନ କରନ୍ତି ।




5

ଏହି କିଛି ଶବ୍ଦମାନ ଅଛି ଯାହା ସେହି ଗୀତରୁ ନିଆଯାଇଅଛି: ତୁମ୍ଭେ ଯୋଗ୍ୟ ଅଟ କାରଣ ତୁମ୍ଭେ ହତ ହୋଇଥିଲ, ପୁଣି ଆପଣା ରକ୍ତ ଦ୍ୱାରା ସମସ୍ତ ଗୋଷ୍ଠି ଭାବବାଦି, ବଂଶ ଓ ଜାତୀ ମଧ୍ୟରୁ ଈଶ୍ୱରଙ୍କ ନିମନ୍ତେ ଲୋକମାନଙ୍କୁ କ୍ରୟ କରିଅଛ ।
(ପ୍ରକାଶିତ ୫:୯)




6

ବାଇବଲ ର ଶେଷ ପୃଷ୍ଠାରେ ସ୍ୱର୍ଗକୁ ନୂତନ ଯିରୁଶାଲମ ଭାବେ ସମ୍ବୋଧନା କରଯାଇଛି । ଏହା ବୃହତ୍, ଓ ବହିର୍ଦେଶରେ ଏହାର ଉଚ୍ଚତମ ପ୍ରାଚିର ଅବସ୍ଥିତ । ତାହାର ଜ୍ୟୋତି ଅତି ବହୁମୂଲ୍ୟ ମଣି ସଦୃଷ୍ୟ, ସ୍ୱଚ୍ଛ ସୂର୍ଯକାନ୍ତ ପରି । ସେହି ପ୍ରାଚିରର ଭିତ୍ତିମୂଳ ସମସ୍ତ ପ୍ରକାର ବହୁମୂଲ୍ୟ ମଣିରେ ଭୂଷିତ ସେଠାରୁ ଅତି ସୁନ୍ଦର ଆଲୋକ ନିର୍ଗତ ହୁଏ । ପ୍ରତ୍ୟେକ ନଗର ର ଦ୍ୱାର ଗୁଡ଼ିକର ଭିତ୍ତିମୂଳ ହୀରକରେ ଭୁଷିତ । ପ୍ରତ୍ୟେକ ଦ୍ୱାର ଗୋଟିଏ ଗୋଟିଏ ବୃହତ୍ ମୁକ୍ତାରେ ନିର୍ମିତ ଅଟେ ।




7

ସେହି ମୁକ୍ତାର ଦ୍ୱାର କଦାପି ରଦ୍ଧ ହୋଇନାହିଁ । ଆସ ଆମ୍ଭେ ଭିତରକୁ ଯାଉଁ ଆଉ ସମସ୍ତ ଭିତରେ ଦେଖିବା ··· କି ଆଷ୍ଚର୍ଯ ସ୍ୱର୍ଗ ଭିତର ପାର୍ଶ ଅତ୍ୟଧୀକ ସୁନ୍ଦର ଅଟେ, ନଗର ଶୁଦ୍ଧ ସୁବର୍ଣ୍ଣ ଦ୍ୱାରା ସ୍ୱଛ କାଚ ସଦୃଶ ନିର୍ମିତ ଅଟେ । ନଗରର ପଥ ମଧ୍ୟ ସୁବର୍ଣ୍ଣ ଦ୍ୱାରା ନିର୍ମିତ ଅଟେ ।




8

ଈଶ୍ୱରଙ୍କ ସିଂହାସନରୁ ଜୀବନ ଦାୟକ ସ୍ୱଚ୍ଛ ଜଳର ଗୋଟିଏ ନଦୀ ନିର୍ଗତ ହୁଏ । ନଦିର ଉଭୟ ପାର୍ଶରେ ଫଳଦାୟକ ଜୀବନ ବୃକ୍ଷ ଅଛି, ଯାହା ଏଦନ ଉଦ୍ୟାନରେ ପ୍ରଥମେ ଦେଖାଯାଇଥିଲା । ଏହି ବୃକ୍ଷ୍ୟ ଏକ ସ୍ୱତନ୍ତ୍ର ଅଟେ । ସେହି ଜୀବନ ଦାୟକ ବୃକ୍ଷ୍ୟ ଦ୍ୱାଦଶ ପ୍ରକାର ବିଭିନ୍ନ ରୁପକ ଫଳ ଫଳେ । ପ୍ରତ୍ୟେକ ମାସରେ ଭିନ୍ନ ପ୍ରକାର ଫଳ ଫଳେ । ସେହି ବୃକ୍ଷର ପତ୍ର ଜାତି ସମୁହର ଆରୋଗ୍ୟ କାରକ ଅଟେ ।




9

ସ୍ୱର୍ଗ ଆଲୋକ ନିମନ୍ତେ ଦିନରେ ସୂର୍ଯ୍ୟ କିମ୍ବା ରାତ୍ରିରେ ଚ଼ନ୍ଦ୍ରର ଆବଶ୍ୟକତା ନାହିଁ । ଗୌରବ ଆଲୋକିତ କରେ । ସେହି ସ୍ଥାନରେ ରାତ୍ରି ନାହିଁ ।



10

ସର୍ଗରେ ଜୀବଜନ୍ତୁ ମଧ୍ୟ ଭିନ୍ନ ପ୍ରକାରର ଅଟନ୍ତି । ସେମାନେ ବନ୍ଧୁତ୍ୱ ଭାବରେ ଏକତ୍ର ମଳିତ ହୋଇ ବାସ କରନ୍ତି । କେନ୍ଦୁଆବାଘ ମେଣ୍ଢାଛୁଆ ଏକତ୍ର ଚ଼ରିବେ । ସିଂହ ଗୋରୁପରି ନଡ଼ା ଖାଆନ୍ତି । ସଦାପ୍ରଭୁ ଏହା କହନ୍ତି, ସେମାନେ ଆମ୍ଭ ପବିତ୍ର ପର୍ବତରେ କୌଣସି ସ୍ଥାନରେ ହିଂସା କି ବନାଶ କରିବେ ନାହିଁ ।



11

ଯେତେବେଳେ ଆମ୍ଭେ ସ୍ୱର୍ଗର ଚ଼ତୁପାର୍ଶରେ ଦେଖୁ, ସ୍ୱର୍ଗ ରାଜ୍ୟରୁ କିଛି ଉଣା ପଡ଼ିବାର ଜାଣିପାରୁ । ତଥାପି ସେଠାରେ କ୍ରୋଧର ବାକ୍ୟଗୁଡ଼ିକ ଶୁଣି ନାହୁଁ । ସେହି ସ୍ଥାନରେ କଳହ କିମ୍ବା ସ୍ୱର୍ଥପରତା ନାହିଁ ।



ସେହି ସ୍ଥାନରେ ଦ୍ୱାର ରୁଦ୍ଧ କରାଯାଏ ନାହିଁ, କାରଣ ସ୍ୱର୍ଗରେ ଚ଼ୋରମାନେ ନାହାନ୍ତି । ସେଠାରେ ମାଥ୍ୟାବାଦୀ, ନରହତ୍ୟାକାରୀ, ତନ୍ତ୍ରକତା କିମ୍ବା କୌଣସି ଦୁଷ୍ଟ ଲୋକମାନେ ନାହାଁନ୍ତି । ସ୍ୱର୍ଗରେ କୌଣସି ପ୍ରକାର ପାପ ନାହିଁ ।

12



ସ୍ୱର୍ଗରେ ଈଶ୍ୱରଙ୍କ ସହିତ କୌଣସି ପ୍ରକାର କ୍ରନ୍ଦନ ନାହିଁ । ବେଳେ ବେଳେ ଈଶ୍ୱରଙ୍କର ଲୋକମାନେ ସେମାନଙ୍କ ଜୀବନର ଦୁଃଖ ସ୍ମରଣ କରି କ୍ରନ୍ଦନ କରନ୍ତି । ସ୍ୱର୍ଗରେ ଈଶ୍ୱର ସେ ସମସ୍ତଙ୍କ ଲୁହ ପୋଛିନେବେ ।

13

ସର୍ଗରେ କେବ ହେଁ ମୃତ୍ୟୁ ନୁହେଁ । ଈଶ୍ୱରଙ୍କର ଲୋକମାନେ ଈଶ୍ୱରଙ୍କ ସହିତ ଚ଼ିରକାଳ ବାସ କରିବେ । ସ୍ୱର୍ଗରେ କୌଣସି ପ୍ରକାରର ଦୁଃଖ, କ୍ରନ୍ଦନ, ଯନ୍ତ୍ରଣା, ପୀଡ଼ିତ, ବିଛିନ୍ନତା ଓ ଶବ ସତ୍କାର ନାହିଁ । ସ୍ୱର୍ଗରେ ପ୍ରତ୍ୟେକେ ଈଶ୍ୱରଙ୍କ ସହିତ ଚ଼ିରକାଳ ପର୍ଯ୍ୟନ୍ତ ଆନନ୍ଦରେ ବାସ କରନ୍ତି ।



14

ସବୁଠାରୁ ଉତ୍ତମ ହେଲା ସ୍ୱର୍ଗ ଦୁହେଁ ପୁଅ ଓ ଝିଅ ମାନଙ୍କ ନିମନ୍ତେ ଅଟେ, ଯେଉଁମାନେ ଇଶ୍ୱରଙ୍କୁ ଆପଣାର ପରିତ୍ରାଣକର୍ତ୍ତା ରୁପେ ବିଶ୍ୱାସ କରିଅଛନ୍ତି ଓ ତାଙ୍କୁ ନିଜ ପ୍ରଭୁ ରୁପେ ଆଜ୍ଞାକାରି ହୋଇଛନ୍ତି । ସ୍ୱର୍ଗରାଜ୍ୟ ସେମାନଙ୍କର ଅଟେ । ସର୍ଗରେ ଗୋଟିଏ ପୁସ୍ତକ ଅଛି, ସେହି ପୁସ୍ତକର ନାମ ମେଷଶାବକଙ୍କ ଜୀବନ ପୁସ୍ତକ କୁହାଯାଏ । ଏହା ଲୋକମାନଙ୍କର ନାମରେ ପରିପୁର୍ଣ୍ଣ ଅଟେ। ତୁମେ ଜାଣ କି, କେଉଁମାନଙ୍କର ନାମ ଏହି ପୁସ୍ତକରେ ଲେଖା ଯାଇଅଛି? ଯେଉଁମାନେ ଇଶ୍ୱରଙ୍କ ଠାରେ ନିର୍ଭର କରି ଅଛନ୍ତି ସେମାନଙ୍କର ନାମ ଲେଖା ଯାଇଅଛି । ସେଠାରେ ତୁମ୍ଭର ନାମ ଅଛି କି?




15

ବାଇବଲ ର ଶେଷ ବାକ୍ୟ ସ୍ୱର୍ଗର ଗୋଟିଏ ସୁନ୍ଦର ଆମନ୍ତ୍ରଣ ବିଷୟ କହେ । ପୁଣି ଆତ୍ମା ଓ କନ୍ୟା କହେ, ଆସ, ଯେ ଶୁଣେ ସେ ଆସୁ, ଯେ ତୃଶିତ ଅଟେ ସେ ମୋ ପଖକୁ ଆସୁ । ଆଉ ଯେ କେହି ଅଭିଳାଷା କରେ ସେ ଜୀବନ୍ତ ଜଳ ମୁକ୍ତରେ ପାନ କରୁ ।




16

ସ୍ୱର୍ଗ ହେଉଛି ଇଶ୍ୱରଙ୍କର ସୁନ୍ଦର ଗୃହ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ଯୋହନ ୧୪; ୨ୟ କରନ୍ଥୀୟ ୫;
ପ୍ରକାଶୀତ ବାକ୍ୟ ୪, ୨୧, ୨୨

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଆଉ ତାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ ।

ଇଶ୍ୱର ଆମ୍ଭମାନଙ୍କୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ର ଯୀଶୁଙ୍କୁ ଆମ୍ଭମାନଙ୍କର ପାପ ସକାଶୁ କ୍ରୁଶ ଉପରେ ମୃତ୍ୟୁବରଣ କରିବାକୁ ପଠାଇଲେ । ଯୀଶୁ ପୁନର୍ବାର ଜୀବନ କୁ ଫେରିଲେ, ଆଉ ସେ ସ୍ୱର୍ଗ ଆରୋହନ କଲେ ବର୍ତ୍ତମାନ୍ ଅନନ୍ତର ପରମେଶ୍ୱର ଆମ୍ଭମାନଙ୍କର ପାପକ୍ଷମା କରି ପାରିବେ ।

ଯଦି ତୁମ୍ଭେ ତୁମ୍ଭ ପାପରୁ ଫେରିବାକୁ ଚାହଁ, ତେବେ ଏହା ଇଶ୍ୱରଙ୍କୁ କୁହନ୍ତୁ: ପ୍ରିୟର ଇଶ୍ୱର ମୁ ବିଶ୍ୱାସ କରେ ଯୀଶୁଖ୍ରୀଷ୍ଟ ମୋ ନିମନ୍ତେ ମୃତ୍ୟୁଭୋଗ କଲେ, ବର୍ତ୍ତମାନ ସେ ଜୀବିତ ଅଟନ୍ତି । ଦୟାକରି ମୋର ପାପସବୁ କ୍ଷମା କର ଏବଂ ମୋ ଜୀବନକୁ ଆସ, ତଦ୍ୱାରା ବର୍ତ୍ତମାନ୍ ଠାରୁ ମୁଁ ଏକ ନୂତନ ଜୀବନ ପ୍ରାପ୍ତ ହୋଇ ତୁମ୍ଭଠାରେ ଚିରକାଳ ସ୍ଥାୟୀ ହେବି । ତୁମ୍ଭର ସନ୍ତାନ ହୋଇ ତୁମ୍ଭଠାରେ ବାସକରିବା ପାଇଁ ମୋତେ ସାହାଯ୍ୟ କରନ୍ତୁ । ଆମେନ୍ (ଯୋହନ ୩:୧୬)

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।